**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**6 December - 2024**

**News Editor *: Itishree Singh Rathaur***

# ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ରାଷ୍ଟ୍ରପତି ଆଜି ମୟୂରଭଞ୍ଜ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ମତବିନିମୟ କରିବେ ଏବଂ  ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କ ସହ କଥାହେବେ । ଆସନ୍ତାକାଲି ରାଷ୍ଟ୍ରପତି ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ବିମାନବନ୍ଦର ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ଧର୍ମେନ୍ଦ୍ର ପ୍ରଧାନ

ଦୃଢ଼ ସାମାଜିକ ବିଜ୍ଞାନ ଗବେଷଣା ଭାରତୀୟତାର ସଭ୍ୟତାକୁ ସୁଦୃଢ଼ କରିବା ସହ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରୁଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ସାମାଜିକ ମାନବ ବିଜ୍ଞାନରେ ଭାରତୀୟ ସାମାଜିକ ଗବେଷଣା ପରିଷଦ-

ଆଇସିଏସଏସଆର୍ ଗବେଷଣା ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି । ଏହି ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ସାମାଜିକ ବିଜ୍ଞାନର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ପ୍ରଦାନ କରିବା ସହ ସାମାଜିକ ପ୍ରଗତି ହାସଲ ଓ ବୈଷୟିକ ବ୍ୟବଧାନକୁ ଦୂର କରିବ ।

ଜାତୀୟ ଶିକ୍ଷାନୀତିରେ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୁଣାତ୍ମକ ସାମାଜିକ ବିଜ୍ଞାନ ଗବେଷଣାର ଆବଶ୍ୟକତାକୁ ସ୍ୱୀକୃତି ଦିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ମୁଣ୍ଡପିଛା ଋଣଭାର

ରାଜ୍ୟରେ ମୁଣ୍ଡପିଛା ଋଣଭାର ଗତ ଅକ୍ଟୋବର ମାସ ଶେଷ ସୁଦ୍ଧା ୨୦ ହଜାର ୧୭୭ ଟଙ୍କା ରହିଛି ବୋଲି ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ବିଧାନସଭାରେ ଅତିରିକ୍ତ ବ୍ୟୟମଂଜୁରୀ ବିଲ୍ ଆଲୋଚନାର ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଗତବର୍ଷର ଋଣଭାର ତୁଳନାରେ ଚଳିତବର୍ଷ ଋଣଭାର ୨ହଜାର ୫୯୭ କୋଟି ଟଙ୍କା ହ୍ରାସ ପାଇଛି । ୨୦୨୪-୨୫ ଆର୍ଥିକବର୍ଷ ପାଇଁ ୧୨ ହଜାର ୧୫୫ କୋଟି ୭୩ ଲକ୍ଷ ୫୫ ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ ପାଇଁ ବ୍ୟୟ ମଂଜୁରୀ ବିଲ୍‌କୁ ବିଧାନସଭାରେ ଅନୁମୋଦନ ମିଳିଛି । ନଭେମ୍ବରମାସ ଶେଷ ସୁଦ୍ଧା ରାଜ୍ୟର ମୋଟ୍ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ୧୦ ପ୍ରତିଶତ ବୃଦ୍ଧି ହୋଇଥିବା ମନ୍ତ୍ରୀ କହିଛନ୍ତି ।

## ବିମାନ ବନ୍ଦର

ରାଜ୍ୟରେ ବର୍ତ୍ତମାନ ଭୁବନେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଜୟପୁର ଓ ଉତ୍କେଲା ବିମାନ ବନ୍ଦର କାର୍ଯ୍ୟକ୍ଷମ ରହିଛି । ସେହିପରି ରାଜ୍ୟର ଆଉ ୭ଟି ବିମାନ ପଟୀକୁ ଟୁ-ବି ଶ୍ରେଣୀରେ ବିମାନ ବନ୍ଦର କରିବାକୁ ସରକାର ପଦକ୍ଷେପ ନେଇଛନ୍ତି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ସୂଚନା ଦେଇଛନ୍ତି । ବିଧାୟକ ଧ୍ରୁବଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏହା ପରେ କୋରାପୁଟର ଜୟପୁର, ଉତ୍କେଲା ବିମାନ ବନ୍ଦରକୁ ୩-ବି / ୩-ସି ଶ୍ରେଣୀର କରିବାକୁ ଯୋଜନା ରହିଛି ।

## ଜଳମାର୍ଗ

କେନ୍ଦ୍ର ସରକାରଙ୍କ ଜାତୀୟ ଜଳମାର୍ଗ ନୀତି-୨୦୧୬  ଅନୁସାରେ ରାଜ୍ୟରେ ୬ଟି ଜାତୀୟ ଜଳମାର୍ଗ ରହିଛି । ବିଧାନସଭାରେ ଏ ସଂପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ  ବିଭୂତି ଭୂଷଣ ଜେନା କହିଛନ୍ତି, ବ୍ରାହ୍ମଣୀ, ଖରସୁଆଁ, କାଣୀ, ମତେଇ, ମହାନଦୀ ଓ ଏହାର ଶାଖାନଦୀ ଇଷ୍ଟକୋଷ୍ଟ କେନାଲ୍ ଜାତୀୟ ଜଳମାର୍ଗ-୫ରେ ଅନ୍ତର୍ଭୁକ୍ତ ରହିଥିବା ବେଳେ ମହାନଦୀର ସମ୍ବଲପୁର ଆନିକଟରୁ ପାରାଦୀପ ପର୍ଯ୍ୟନ୍ତ ଜଳମାର୍ଗ-୬୪ରେ ଅନ୍ତର୍ଭୁକ୍ତ ରହିଛି ।

## ଗୀତା ମହୋତ୍ସବ

ହରିଆଣାର କୁରୁକ୍ଷେତ୍ରରେ ନବମ ଅନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ ଆରମ୍ଭ ହୋଇଛି । ଚଳିତବର୍ଷ ଓଡ଼ିଶା ଷ୍ଟେଟ୍ ପାର୍ଟନର ଭାବେ ଏଥିରେ ଯୋଗ

ଦେଇଛି । ଏହି ଗୀତା ମହୋତ୍ସବରେ ରହିଥିବା ଓଡ଼ିଶା ମଣ୍ଡପରେ ରାଜ୍ୟର ଇତିହାସ, କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଦର୍ଶିତ କରାଯାଇଛି । ପଟ୍ଟଚିତ୍ର, ଚାନ୍ଦୁଆ, ରୌପ୍ୟ ତାରକସି କାର୍ଯ୍ୟକୁ ଓଡ଼ିଶା ମଣ୍ଡପରେ ସ୍ଥାନ ଦିଆଯାଇଥିବା ବେଳେ ହସ୍ତତନ୍ତ, ବୟନଶିଳ୍ପ ସମାଗ୍ରୀର ପ୍ରଦର୍ଶନ କରାଯାଉଛି । ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ସମେତ ଲୋକନୃତ୍ୟ ପ୍ରଦର୍ଶିତ ହେଉଛି ।

## ପୁସ୍ତକ ମେଳା

ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ  ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହେବ । ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ  ୧୦ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନ କରିବେ। ଏଥିରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପାଣିପାଗ

ରାଜ୍ୟରେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ କମ୍ ଶୀତ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପ ବର୍ଷାର ସମ୍ଭାବନା ରହିଛି । ଆସନ୍ତାକାଲିଠାରୁ ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା

୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।